# NATIONAL NEWS BULLETIN (ODIA)

**17 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ୨୦୨୪-୨୫ ବର୍ଷଲାଗି ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।

- ବିହାରରେ ଆସନ୍ତାକାଲି ୭ହଜାର କୋଟି ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଘଟଣାରେ କୋର୍ଟରେ ରିପୋର୍ଟ ଦାଖଲ କଲେ କର୍ଣ୍ଣାଟକ ସରକାର ।

- ବିଶ୍ୱର ୧୫୦ଟି ଦେଶ ଓ ଅଞ୍ଚଳ ଉପରେ ଏକୀକୃତ ଶୁଳ୍କ ବ୍ୟବସ୍ଥା ଲାଗୁ କରିବା ନେଇ ଘୋଷଣା କଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ଆଜିଠାରୁ ସିଙ୍ଗାପୁରରେ ଆରମ୍ଭ ହେଉଛି ଆନ୍ତର୍ଜାତିକ କ୍ରିକେଟ ପରିଷଦର ବାର୍ଷିକ ସମ୍ମିଳନୀ ।

## ପ୍ରେଜ୍-ସ୍ୱଚ୍ଛ ସର୍ବେକ୍ଷଣ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ସ୍ୱଚ୍ଛତା ହେଉଛି ଦେଶର ସାଂସ୍କୃତିକ ଚେତନାର ମୂଳଦୁଆ । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ପ୍ରଦାନ କରିବା ଅବସରରେ ରାଷ୍ଟ୍ରପତି ଏହା କହିଛନ୍ତି । ସ୍ୱଚ୍ଛଭାରତ ମିଶନ ଅଧୀନରେ ରାଜ୍ୟ ଏବଂ

କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ପ୍ରୟାସକୁ ପ୍ରଶଂସା କରି ରାଷ୍ଟ୍ରପତି କହିଛନ୍ତି ସ୍ୱଚ୍ଛ ସର୍ବେକ୍ଷଣଏକ ସଫଳ ପଦକ୍ଷେପ ବୋଲି ପ୍ରମାଣିତ ହୋଇଛି । ଇନ୍ଦୋର ପୁଣିଥରେ କ୍ରମାଗତଭାବେ ଅଷ୍ଟମଥର ପାଇଁ ଦେଶର ସବୁଠାରୁ ସ୍ୱଚ୍ଛ ସହର ଭାବେ ପରିଗଣିତ ହୋଇଛି । ସରକାରଙ୍କ ବାର୍ଷିକ ସ୍ୱଚ୍ଛତା ସର୍ଭେରେ ସୁରତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ନଭିମୁମ୍ବାଇ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଛି । ଚଳିତବର୍ଷ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ବର୍ଗରେ ମୋଟ୍ ୭୮ଟି ପୁରସ୍କାର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛଭାରତ ମିଶନ ସହରାଞ୍ଚଳକୁ ପ୍ରୋତ୍ସାହନ କରିବା ଲକ୍ଷ୍ୟ ନେଇ ଏହି ସ୍ୱଚ୍ଛ ସହର ଗୁଡ଼ିକୁ ରାଷ୍ଟ୍ରପତି ପୁରସ୍କୃତ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି...

**V/O (President)**

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିହାର ଏବଂ ପଶ୍ଚିମବଙ୍ଗ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ତାଙ୍କର ବିହାର ଗସ୍ତକାଳରେ ମୋତିହାରିଠାରେ ୭ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବହୁବିଧ ବିକାଶମୂଳକ ପ୍ରକଳ୍ପ ଦେଶ ଉଦ୍ଦେଶ୍ୟରେ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହି ପ୍ରକଳ୍ପ ମଧ୍ୟରେ ରେଳ, ସଡ଼କ, ଗ୍ରାମୀଣବିକାଶ, ମତ୍ସ୍ୟ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ଆଦି ରହିଛି । ଶ୍ରୀ ମୋଦୀ ପାଟନାର ଦରଭଙ୍ଗଠାରେ ଏକ ନୂତନ ସଫ୍ଟୱେୟାର ପ୍ରଯୁକ୍ତି ପାର୍କର ଉଦ୍‌ଘାଟନ

କରିବେ । ପ୍ରଧାନମନ୍ତ୍ରୀ ପାଟନାଠାରେ ଅମ୍ରିତଭାରତ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ପରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଦୀନଦୟାଲ ଅନ୍ତୋଦୟ ଯୋଜନାରେ ପ୍ରାୟ ୬୧ହଜାର ୫ଶହ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ୪ଶହ କୋଟି ଟଙ୍କାର ଅର୍ଥ ପ୍ରଦାନ କରିବେ । ସେହିଦିନ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ଗସ୍ତ କରି ତୈଳ ଏବଂ ଗ୍ୟାସ୍ ଶକ୍ତି, ସଡ଼କ ଏବଂ ରେଳ କ୍ଷେତ୍ରରେ ଦେଶ ଉଦ୍ଦେଶ୍ୟରେ ୫ହଜାର କୋଟି ଟଙ୍କାର ବହୁବିଧ ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହି ଅବସରରେ ସେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ପଶ୍ଚିମବର୍ଦ୍ଧମାନସ୍ଥିତ ଟପ୍‌ସି ଏବଂ ପନ୍ଦାବେଶରଠାରେ ସେତୁ ଭାରତମ୍ କାର୍ଯ୍ୟକ୍ରମ ଅଧୀନରେ ପ୍ରଧାନମନ୍ତ୍ରୀ ୩୮୦ କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମିତ ୨ଟି ପୋଲର ଲୋକାର୍ପଣ କରିବେ ।

## ଅମିତ ଶାହା - ଜୟପୁର ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ରାଜସ୍ଥାନର ଜୟପୁରରେ ‘ସହକାରିତା ଏବଂ ରୋଜଗାର ଉତ୍ସବ’ରେ ଯୋଗଦେଇଛନ୍ତି । ଏହି ଅବସରରେ ଶ୍ରୀ ଶାହା ବିଭିନ୍ନ ଥାନାରେ ବ୍ୟବହାର ହେବାକୁ ଥିବା ୧୦୦ଟି ନୂଆ ପୋଲିସ ଯାନର ଶୁଭାରମ୍ଭ କରିଛନ୍ତି । ଏହି ଯାନଗୁଡ଼ିକ

ସଶସ୍ତ୍ରବାହିନୀ ଏବଂ ପ୍ରଶିକ୍ଷଣ କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯାଇପାରିବ । ଶ୍ରୀ ଶାହା ଏହି ଉତ୍ସବରେ ବିଭିନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ପ୍ରମାଣପତ୍ର ଓ ଚେକ୍ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ଶାହା' ୨୪ଟି ଖାଦ୍ୟଶସ୍ୟ ସଂରକ୍ଷଣ, କୋଠା ଉଦ୍‌ଘାଟନ କରିଛନ୍ତି । ଯାହାଫଳରେ ଶ୍ରୀଅନ୍ନକୁ ପ୍ରୋତ୍ସାହନ ମିଳିପାରିବ । ଆୟୋଜିତ ଉତ୍ସବରେ ୧ହଜାର ୪୦୦ ହିତାଧିକାରୀଙ୍କୁ ଗୋପାଳ କ୍ରେଡିଟ୍ କାର୍ଡ ଯୋଜନାରେ ୧୨ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି।

## ଇରାକ ଫାୟାର

ଇରାକ୍‌ର ଅଲ୍ କୁତ୍ ସହରରେ ଥିବା ଏକ ମାର୍କେଟ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିବାରୁ ୫୦ଜଣଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ ସେଠାରେ ଥିବା ଅତ୍ୟାଧୁନିକ ମାର୍କେଟ ଏବଂ ଏକ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟିବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିଲା । ଅଗ୍ନିଶମ ବାହିନୀ କର୍ମଚାରୀମାନେ ଅନେକ ଲୋକଙ୍କୁ ଉଦ୍ଧାର କରିଥିବା ଜଣାପଡିଛି । ଘଟଣାରେ ସମ୍ପୃକ୍ତ ମାର୍କେଟ୍‌ର ମାଲିକଙ୍କ ବିରୋଧରେ ଏତଲା ଦାୟର କରାଯାଇଛି । ସେଠାକାର ସ୍ଥାନୀୟ ପ୍ରଶାସନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## କର୍ଣ୍ଣାଟକ-ଷ୍ଟାମ୍ପେଡ

ଗତମାସରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଘଟିଥିବା ଦଳାଚକଟା ଘଟଣାରେ କର୍ଣ୍ଣାଟକ ସରକାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ କ୍ରିକେଟ ଟିମ୍‌କୁ ଦୋଷାରୋପ କରିଛନ୍ତି । ଏହି ଦଳାଚକଟା ଘଟଣାରେ ୧୧ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫୦ରୁ ଅଧିକ ଆହତ ହୋଇଥିଲେ । ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ କର୍ଣ୍ଣାଟକ ହାଇକୋର୍ଟରେ ଦାଖଲ କରାଯାଇଥିବା ରିପୋର୍ଟ ଅନୁଯାୟୀ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳର ପରିଚାଳନା ଗୋଷ୍ଠୀ, କାର୍ଯ୍ୟକ୍ରମ ଆୟୋଜନ କରିଥିବା ଡି.ଏନ୍.ଏ ନେଟଓ୍ୱର୍କ ପ୍ରାଇଭେଟ୍ ଲିମିଟେଡ୍ ଏବଂ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ ବିଜୟ ଉତ୍ସବ ଆୟୋଜନ ପୂର୍ବରୁ ପୁଲିସ ସହ ଯୋଗାଯୋଗ କରିନଥିଲେ । ଏଥିଲାଗି ଆବଶ୍ୟକ ଅନୁମତି ହାସଲ କରାଯାଇନଥିଲା ବୋଲି ରାଜ୍ୟ ସରକାର ସତ୍ୟପାଠରେ ଦର୍ଶାଇଛନ୍ତି ।

## ଦିଲ୍ଲୀ ଗଭ୍-ଆପ୍ ପ୍ରୋବ୍

ଦିଲ୍ଲୀ ସରକାର ଜୟ ଭୀମ୍ ମୁଖ୍ୟମନ୍ତ୍ରୀ ପ୍ରତିଭା ବିକାଶ ଯୋଜନାରେ ହୋଇଥିବା ଦୁର୍ନୀତିର ଯାଞ୍ଚ ପାଇଁ ଦୁର୍ନୀତି ନିବାରଣ ଶାଖାକୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବର ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କ ସମୟରେ ଏହି ଦୁର୍ନୀତି ହୋଇଥିବା କୁହାଯାଉଛି ।  ଏକ ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲୀ

ଶିକ୍ଷାମନ୍ତ୍ରୀ ଆଶିଷ ସୁର୍ କହିଛନ୍ତି କୋଭିଡ ସମୟରେ ଏହି ଯୋଜନାରେ ୧୪୫କୋଟି ଟଙ୍କା ଦୁର୍ନୀତି ହୋଇଥିବା ଜଣାପଡିଛି । ଏହି ଘଟଣାର ତଦନ୍ତ ଲାଗି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଅନୁମତି ପ୍ରଦାନ କରିଛନ୍ତି । ଘଟଣାର ଯାଞ୍ଚ ଲାଗି ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍ସେନା ନିର୍ଦ୍ଦେଶ ଦେଇଥିଲେ । ମୁକ୍ତ କୋଚିଂ ଦେବା ଆଳରେ  ଏହି ଯୋଜନାରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ଅଧିକାରକୁ ଅଣଦେଖା କରାଯାଇଥିଲା ।

## ଟ୍ରମ୍ପ-ୟୁନିଫାଏଡ ଟାରିଫ

ବିଶ୍ୱର ୧୫୦ଟି ଦେଶ ଓ ଅଞ୍ଚଳ ଗୁଡ଼ିକ ଉପରେ ଏକୀକୃତ ଶୁଳ୍କ ବ୍ୟବସ୍ଥା ଲାଗୁ କରିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଯୋଜନା ଘୋଷଣା କରିଛନ୍ତି । ୱାଶିଂଟନ୍ ଡିସିରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ଟ୍ରମ୍ପ କହିଛନ୍ତି ଏହି ଯୋଜନାରେ ପ୍ରତ୍ୟେକଙ୍କ ପାଇଁ ସମାନ ଶୁଳ୍କ ଲାଗୁହେବ । ସେ କହିଛନ୍ତି ଅଧିକ ବାଣିଜ୍ୟ ଓ ବ୍ୟବସାୟ କରୁଥିବା ଦେଶଗୁଡ଼ିକ ଉପରେ ଲାଗୁ ହେବ ନାହିଁ । ଯେଉଁ ଦେଶଗୁଡ଼ିକ ଆମେରିକା ସହିତ ଅପେକ୍ଷାକୃତ କମ୍ ବାଣିଜ୍ୟ ବ୍ୟବସାୟ କରୁଛନ୍ତି, ସେହିଦେଶ ଗୁଡ଼ିକ ଉପରେ ଏକୀକୃତ ଶୁଳ୍କ ବ୍ୟବସ୍ଥା ଲାଗୁ କରାଯିବ । ସେ କହିଛନ୍ତି ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସମ୍ପୃକ୍ତ ଦେଶଗୁଡ଼ିକ ସହ ଆଲୋଚନା ଜାରିରହିଛି ।

ଗତ ଏପ୍ରିଲ ମାସରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଦ୍ୱିପାକ୍ଷିକ ଚୁକ୍ତିରେ ସାମିଲ ନଥିବା ଦେଶଗୁଡ଼ିକ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ । ଏହା

ପୁର୍ନବାର ୧୫ କିମ୍ବା ୨୦ ପ୍ରତିଶତକୁ ବଢ଼ିବା ନେଇ ସେ ସୂଚନା ଦେଇଥିଲେ ମଧ୍ୟ ଏଯାବତ୍ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନାହିଁ ।

## କ୍ରିକେଟ୍ - ଅଲିମ୍ପିକ୍ସ

ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ - ଆଇ.ସି.ସି.ର ବାର୍ଷିକ ସମ୍ମିଳନୀ ଆଜିଠାରୁ ସିଙ୍ଗାପୁରଠାରେ ଆରମ୍ଭ ହେଉଛି । ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ କ୍ରୀଡ଼ା ପ୍ରତିଯୋଗିତା ଲାଗି ଯୋଗ୍ୟତା ହାସଲ କରିବାର ପଦ୍ଧତି ଉପରେ ଏହି ସମ୍ମିଳନୀରେ ଆଲୋଚନା କରାଯିବାର କାର୍ଯ୍ୟସୂଚୀ ରହିଛି । ୨୦୨୮ ଜୁଲାଇ ୧୨ରୁ ୨୯ ତାରିଖ ମଧ୍ୟରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆନ୍ତର୍ଜାତିକ ଅଲିମ୍ପିକ୍ସ କମିଟି ପକ୍ଷରୁ ଗତକାଲି ଘୋଷଣା କରାଯାଇଛି । ମହିଳା ବର୍ଗରେ ମେଡାଲ୍ ମ୍ୟାଚ୍ ଜୁଲାଇ ୨୦ ଏବଂ ପୁରୁଷ ବର୍ଗର ଏହି ମ୍ୟାଚ୍ ଜୁଲାଇ ୨୯ ତାରିଖରେ ଅନୁଷ୍ଠିତ ହେବ । ଉଭୟ ବର୍ଗର ସମସ୍ତ ଟି-ଟ୍ୱେଣ୍ଟି ମ୍ୟାଚ୍ ଲସ୍ ଆଞ୍ଜେଲସ୍‌ଠାରୁ ପ୍ରାୟ ୫୦ କିଲୋମିଟର ଦୂରରେ ଅବସ୍ଥିତ ପୋମୋନା'ର ଫେୟାର ଗ୍ରାଉଣ୍ଡ୍‌ରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।

## କେରଳ ରେନ୍

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅତିପ୍ରବଳ ବର୍ଷା ନେଇ କେରଳକୁ ସତର୍କ ସୂଚନା ଜାରି କରାଯାଇଛି । ସୂଚନା ଅନୁଯାୟୀ କସାରଗୋଡ୍,

କନ୍ନୁର, ୱେନାଡ ଏବଂ କୋଜିକୋଡେ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବାବେଳେ ମାଲାପୁରମ୍, ପାଲକଡ, ଥ୍ରୀସୁର, ଏର୍ଣ୍ଣାକୁଲମ, ଇଦୁକି ଏବଂ ଆଲ୍‌କୁଜା ଅଞ୍ଚଳରେ ବର୍ଷା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି । ପାଣିପାଗ ବିଭାଗର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ସେଠାକାର ସମସ୍ତ ଶିକ୍ଷାନୁଷ୍ଠାନକୁ ଆଜିପାଇଁ ବନ୍ଦ ରଖାଯାଇଛି । ଅନ୍ୟପକ୍ଷରେ ହିମାଚଳପ୍ରଦେଶରେ ମୌସୁମୀବାୟୁ ପ୍ରଭାବରେ ଗତ ୨୪ଘଣ୍ଟାରେ ୬୭ମିଲିମିଟର ବର୍ଷା ହୋଇଥିବାବେଳେ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ବର୍ଷା ହେବା ନେଇ ପାରିପାଗ ବିଭାଗ ଅନୁମାନ କରିଛି । କର୍ଣ୍ଣାଟକରେ ମଧ୍ୟ ଦକ୍ଷିଣ କନ୍ନଡ, ଉଡୁପି ଏବଂ କୋଡାଗୁ ଅଞ୍ଚଳରେ ପ୍ରବଳ ବର୍ଷା ନେଇ ସତର୍କତା ଜାରି କରାଯାଇଛି । ଗତକାଲି ରାତିରେ ସେହିସବୁ ଅଞ୍ଚଳରେ ୨୦୬ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି ।